ଧରିତ୍ରୀ
DHARITRI
ରବିବାର, ୨୯ ମେ, ୨୦୨୨

## ବଜ୍ରପାତରେ ଯୁବକ ଗୁରୁତର

ଦିଗପହଣ୍ଡି, (ଡି.ଏନ.ଏ.)-ଦିଗପହଣ୍ଡି ଅଞ୍ଚଳରେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ପବନ ସହ ବଜ୍ରପାତ ହୋଇଥିଲା। ଦିଗପହଣ୍ଡି ଥାନା ଅନ୍ତର୍ଗତ ଚୁଡୁଙ୍ଗପୁର ଗ୍ରାମରେ ବଜ୍ରାପାତରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଆର୍.ଟୁନା ପାତ୍ର। ଟୁନା ନିଜ ଚାଷ ଜମିକୁ ଯାଇ ଘରକୁ ଫେରୁଥିବା ବେଳେ ଅଚାନକ ବଜ୍ରପାତ ହୋଇଥିଲା। ଫଳରେ ସେ ଅଚେତ ହୋଇ ଚାଷ ଜମିରେ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ଟୁନା ସାମାନ୍ୟ ସୁସ୍ଥ ଥିବା ଜଣାପଡିଛି।



# ବ୍ରହ୍ମପୁର ସମବାୟ ରାଜନୀତି ଚଳଚଞ୍ଚଳ

ବ୍ରହ୍ମପୁର ଅଫିସ,୨୮।୫

### ଜୁନ ୨୬ରେ ଅର୍ବାନ ବ୍ୟାଙ୍କ ନିର୍ବାଚନ

ସମବାୟ ନିର୍ବାଚନ ପାଇଁ ବ୍ରହ୍ମପୁର ସହରାଞ୍ଚଳ ରାଜନୀତି ଚଳଚଞ୍ଚଳ ହୋଇଛି। ଶତାଧିକ ବର୍ଷର ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ ଜୁନ୍ ୨୬ରେ ହେବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ବାଚିତ ହେବାକୁ ଥିବା ୧୫ ଜଣଙ୍କ ମଧ୍ୟରୁ ମହିଳାଙ୍କ ଲାଗି ୬ ଜୋନ ସଂରକ୍ଷିତ ରଖାଯାଇଛି। ୨୦୧୫ ନିର୍ବାଚନରେ ନିର୍ବାଚିତ ବ୍ୟାଙ୍କର ସଭାପତି, ଉପସଭାନେତ୍ରୀ ଓ ପରିଚାଳନା ନିର୍ଦ୍ଦେଶକମାନଙ୍କ ୫ ବର୍ଷିଆ କାର୍ଯ୍ୟକାଳ ୨୦୨୦ ମେ'ରେ ସରିଥିଲା। ଦୁଇ ବର୍ଷ ଧରି ସରକାରଙ୍କ ନିୟନ୍ତ୍ରଣରେ ରହିବା ପରେ ଏବେ ନିର୍ବାଚନ ହେବାକୁ ଯାଉଛି। ସମବାୟ ଅନୁଷ୍ଠାନ ଅଣରାଜନୈତିକ ବୋଲି କୁହାଯାଉଛି ଏବଂ ନିର୍ବାଚନରେ ଦଳୀୟ ଚିହ୍ନ ନ ରହିବା ବ୍ୟବସ୍ଥା ହୋଇଛି।

ସୂଚନାଯୋଗ୍ୟ, ଅର୍ବାନ ବ୍ୟାଙ୍କ ୧୯୦୬ରେ କେତେକ ପ୍ରତିଷ୍ଠିତ ତେଲୁଗୁ ବ୍ୟକ୍ତିଙ୍କ ଉଦ୍ୟମରେ ସ୍ଥାପିତ ହୋଇଥିଲା। ଏହା ସମ୍ପୂର୍ଣ୍ଣ ଘରୋଇ ଭାବେ କାର୍ଯ୍ୟ କରୁଥିଲା। ଏହି ବ୍ୟାଙ୍କକୁ ଏବେ ବି ଟଙ୍କାଟିଏ ମଧ୍ୟ ଅନୁଦାନ ମିଳିନାହିଁ। ଘର ବନ୍ଧକ ଦେଇ କେବଳ ଋଣ ନେବା ଏବଂ ମିଳୁଥିବା ସୁଧରେ କର୍ମଚାରୀଙ୍କ ଦରମା ଓ ଅନ୍ୟାନ୍ୟ ଖର୍ଚ୍ଚ ହେଉଥିବା ଜଣାପଡ଼ିଛି। ଅପରପକ୍ଷରେ ୧୧୬ ବର୍ଷର ଏହି ପୁରାତନ ସମବାୟ ସଂସ୍ଥାରେ ଅଦ୍ୟାବଧି ଶତବାର୍ଷିକୀ ସମାରୋହ ପାଳିତ ହୋଇ ନ ଥିବା ଅନୁଧ୍ୟାନରୁ ଜଣାପଡ଼ିଛି। ସହରର ବିଶିଷ୍ଟ ବ୍ୟକ୍ତିମାନେ ବିଭିନ୍ନ ସମୟରେ ସଭାପତି ଓ ପରିଚାଳନା ନିର୍ଦ୍ଦେଶକ ହୋଇଥିବା ନଜିର ଅଛି।

ସ୍ୱର୍ଗତ ବୃନ୍ଦାବନ ନାୟକ, ବସନ୍ତ କୁମାର ପାଣିଗ୍ରାହୀ, ଦଣ୍ଡପାଣି ସାହୁ, କୃଷ୍ଣଚରଣ ପଟ୍ଟନାୟକ, ଭରତ ମିଶ୍ର ଓ ଅନ୍ୟମାନେ ଏହାର ସଭାପତି ଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଉଦୟନାଥ ନାୟକ, ମନୋରମା ସାବତ ଓ ଦୀପକ ପଟ୍ଟନାୟକ ପ୍ରମୁଖ ଦାୟିତ୍ୱ ସମ୍ଭାଳିଥିଲେ। ଏହି ବ୍ୟାଙ୍କରେ ସୁଧ ହାର ଚଢ଼ା ସତ୍ତ୍ୱେ ଜରୁରିକାଳୀନ କାର୍ଯ୍ୟ ନିମନ୍ତେ ତତ୍କାଳ ଋଣ ମିଳୁଥିବାରୁ ଲୋକେ ଘର ବନ୍ଧକ ଦେଇ ଉପକୃତ ହେଉଛନ୍ତି। ତେଣୁ ସହରାଞ୍ଚଳ ଲୋକଙ୍କର ବ୍ୟାଙ୍କ ପ୍ରତି ଭରସା ରହିଛି। ମହାନଗରର କେନ୍ଦ୍ର ସ୍ଥଳୀରେ ବ୍ୟାଙ୍କ ଅଛି ଏବଂ ସାନ୍ଧ୍ୟ ଶାଖା ସ୍ୱତନ୍ତ୍ର ଭାବେ ରହିଛି। ବହୁବର୍ଷ ତଳୁ ଲକର ବ୍ୟବସ୍ଥା ରହିଛି।

ନିର୍ଦ୍ଦେଶକ ନିର୍ବାଚନ ପାଇଁ ଶାସକ ବିଜେଡି ପକ୍ଷରୁ ଅଧିକ ତତ୍ପରତା ପ୍ରକାଶ ପାଇଛି। ପ୍ରାର୍ଥୀ ଚୟନ ପ୍ରକ୍ରିୟା ସମ୍ପ୍ରତି ଆରମ୍ଭ ହୋଇଯାଇଛି। ମୁଖ୍ୟ ବିରୋଧୀ ଭାଜପା ପକ୍ଷରୁ ମଧ୍ୟ ବିଭିନ୍ନ ଜୋନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ପ୍ରାର୍ଥୀ ମନୋନୀତ ନିମନ୍ତେ ପଦକ୍ଷେପ ନିଆଯାଇଛି। ନିର୍ବାଚନ ପାଖେଇ ଆସୁଥିବା ବେଳେ କଂଗ୍ରେସର ଆଭିମୁଖ୍ୟ ଅସ୍ପଷ୍ଟ ରହିଛି। ବାମପନ୍ଥୀ ଦଳ ପକ୍ଷରୁ କେତୋଟି ଜୋନରେ ଭୋଟ ଲଢ଼େଇ କରାଯିବାର କୁହାଯାଇଛି। ପ୍ରାର୍ଥୀମାନେ ସ୍ୱାଧୀନ ଭଳି ବିଭିନ୍ନ ଚିହ୍ନରେ ମଇଦାନକୁ ଓହ୍ଲାଇବାର ବ୍ୟବସ୍ଥା ରହିଛି। ଅଣ ରାଜନୀତି କୁହାଯାଉଥିବା ସମବାୟ ସମସ୍ତଙ୍କର ହୋଇଥିବା ବେଳେ ଏହାକୁ ନିଜର କରିବା ଲାଗି ଶାସକ ଓ ବିରୋଧୀ ପ୍ରୟାସ କରୁଛନ୍ତି। ସମବାୟ ଅର୍ବାନ ବ୍ୟାଙ୍କ ନିଜ ଦଖଲକୁ ନେବା ପାଇଁ ବିଜେଡି ରଣନୀତି ପ୍ରସ୍ତୁତ କରିସାରିଛି। ନିର୍ବାଚନ ଦିନ ହିଁ ସନ୍ଧ୍ୟାରେ ଫଳାଫଳ ଘୋଷଣା କରାଯିବାର ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି।

## ସଂକ୍ଷେପରେ

### ପୃଥକ୍ ରେଳଧାରଣାରୁ ୨ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୨୮।୫:ସରକାରୀ ରେଳବାଇ ପୋଲିସ (ଜିଆରପି) ଶନିବାର ପୃଥକ୍ ରେଳଧାରଣାରୁ ୨ ମୃତଦେହ ଜବତ କରିଛି। ଉଭୟ ମୃତଦେହର ପରିଚୟ ସ୍ପଷ୍ଟ ହୋଇ ନ ଥିବା ପୋଲିସ କହିଛି। ପ୍ରକାଶ ଯେ, ଶନିବାର ପୂର୍ବାହ୍ନ ସାଢେ ୧୧ ଟାରେ କନିଷ୍ଠି - ଶିହଳା ରାସ୍ତା ଲେଭଲ କ୍ରସିଂ ରେଳଧାରଣାରୁ ପୋଲିସ ଏକ ମୃତଦେହ ଜବତ କରିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କ ବୟସ ପ୍ରାୟ ୪୮ ରୁ ୫୦ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ରେଳଧାରଣା ଅତିକ୍ରମ ସମୟରେ ଅସାବଧାନତାରୁ ଟ୍ରେନ ଧକ୍କାରେ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ପୋଲିସ କହିଛି। ମୃତଦେହ ଜବତ କରି ୩୩/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ମଧାହ୍ନ ୧୨ଟାରେ ବ୍ରହ୍ମପୁର ରେଳଷ୍ଟେଶନ ପ୍ଲାଟଫର୍ମ- ୧ ରାମନଗରପଟ ଶେଷମୁଣ୍ଡ ରେଳଧାରଣାରେ ଜଣେ ଯୁବକ ଚଳନ୍ତା ଟ୍ରେନ ଆଗକୁ ଆସି ଆତ୍ମହତ୍ୟା କରିଛନ୍ତି ବୋଲି ପୋଲିସ କହିଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୨୫ ବର୍ଷ ହେବ ବୋଲି ପୋଲିସ ଅନୁମାନ କରୁଛି। ଯୁବକଙ୍କ ପ୍ୟାଣ୍ଟ ପକେଟରୁ ଏକ ପ୍ଲାଟଫର୍ମ ଟିକେଟ ଓ କେତେକ ଟଙ୍କା ଜବତ ହୋଇଛି। ପୋଲିସ ମୃତଦେହ ଜବତ କରି ୩୪/୨୨ରେ ଏକ ମାମଲା ରୁଜୁ କରିଛି। ଉଭୟ ମୃତଦେହ ବ୍ୟବଚ୍ଛେଦ ପରେ ଚିହ୍ନଟ ପାଇଁ ପୋଲିସ ମୃତଦେହ ସଂରକ୍ଷଣ କକ୍ଷରେ ସଂରକ୍ଷିତ ରଖିଥିବା କହିଛି।

### ଅଟୋରୁ ଗଞ୍ଜେଇ ଜବତ, ୩ ଗିରଫ

ବ୍ରହ୍ମପୁର ଅଫିସ,୨୮।୫-ଅବକାରୀ ବିଭାଗର ଏକ ଟିମ୍ ଏସ୍‌ବିଆଇ ମୁଖ୍ୟ ଶାଖା ରାସ୍ତାରୁ ଏକ ଅଟୋ ସହ ଗଞ୍ଜେଇ ଜବତ କରିଛି। ଏ ସଂକ୍ରାନ୍ତରେ ୩ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଅଧୀକ୍ଷକ ରମେନ୍ଦ୍ର ନାରାୟଣ ନାୟକ ସୂଚନା ଦେଇଛନ୍ତି। ବ୍ରହ୍ମପୁର ଅବକାରୀ ବିଭାଗର ଟିମ୍ ଏସ୍‌ବିଆଇ ମୁଖ୍ୟ ଶାଖା ରାସ୍ତାରେ ଗାଡ଼ି ଯାଞ୍ଚ କରୁଥିଲା। ଏହି ସମୟରେ ଏକ ଅଟୋକୁ ସନ୍ଦେହରେ ଅଟକ ରଖି ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ସେଥିରୁ ୧୩ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଅବକାରୀ ବିଭାଗ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଅଟୋ ମଧ୍ୟ ଜବତ କରିଥିଲା। ଏ ସଂକ୍ରାନ୍ତରେ ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ତହଁର ଗ୍ରାମର ମୁକେଶ ବେହେରା, ପ୍ରଭାତ ବେହେରା ଓ ବୁଲୁ ଡାକୁଆଙ୍କୁ ଗିରଫ କରାଯାଇଛି। ଅବକାରୀ ବିଭାଗର ଏସ୍‌ଆଇ ଅଭିରାମ ସାହୁ, ଏସ୍‌ଆଇ ଧରଣୀଧର ପ୍ରହରାଜ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ଡ୍ରେନ୍, ଗ୍ରାମ ରାସ୍ତା ସଫେଇ

ଗୋଷାଣୀ,୨୮।୫-ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ବଡ଼ଗୋଷାଣୀ ଗ୍ରାମ ପଞ୍ଚାୟତ ଜଙ୍ଗଲପାଡୁ ଗ୍ରାମରେ ଶନିବାର ପୂର୍ବାହ୍ନରେ ଗାଁ କଲ୍ୟାଣ ସମିତି ତରଫରୁ ଗ୍ରାମର ସମସ୍ତ ଡ୍ରେନ ରାସ୍ତା ସଫା କରାଯାଇଥିଲା। ଏହି ଅବସରରେ ବଡ଼ ଗୋଷାଣୀ ସରପଞ୍ଚ ବି. ମୋହନ ରାଓ, ୱାର୍ଡସଭ୍ୟା ସନ୍ତୋଷି ନାୟକ, ୱାର୍ଡସଭ୍ୟ ରାଉତ ଭିମୁଡୁ, ଆଶାକର୍ମୀ ସରୋଜିନି ପାତ୍ର ଓ ଗାଁ କଲ୍ୟାଣ ସମିତି ମେମ୍ବର ଉପସ୍ଥିତ ରହି ଡ୍ରେନ୍ ଓ ରାସ୍ତା ସଫେଇ କରିଥିଲେ। ଏଣେତେଣେ ଆବର୍ଜନା ନ ପକାଇ ଡଷ୍ଟବିନରେ ପକାଇବାକୁ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

#### ହତ୍ୟା ସନ୍ଦେହରେ ସ୍ୱାମୀ, ଦେଢ଼ଶୁର ଅଟକ

ଜଗନ୍ନାଥପ୍ରସାଦ,୨୮।୫(ଡି.ଏନ.ଏ.)- ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଖମାରପୋଲି ଗ୍ରାମ ନୂଆସାହିରେ ଶୁକ୍ରବାର ରାତିରେ ବସନ୍ତ ସାହୁଙ୍କ ସ୍ତ୍ରୀ ବନ୍ଦିତା (୨୬)ଙ୍କ ମୃତ୍ୟୁ ହୋଇଛି। ବିଷପିଇ ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ଲୋକ କହୁଥିବା ବେଳେ ବନ୍ଦିତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ଶ୍ୱଶୁର ଘର ବିରୋଧରେ ଥାନାରେ ଏତଲା ଦେଇଛନ୍ତି। ଏ ନେଇ ପୋଲିସ ନଂ. ୧୫୫/୨୧ରେ ରୁଜୁକରି ମୃତ ମହିଳାଙ୍କ ସ୍ୱାମୀ ବସନ୍ତ ଓ ଦେଢ଼ଶୁର ବାବୁଲାଙ୍କୁ ଅଟକ ରଖି ପଚରାଉଚରା କରୁଛି। ସାତବର୍ଷ ପୂର୍ବେ ନୟାଗଡ ଜିଲା ଓଡ଼ଗାଁର ଅର୍ଜୁନ ବେହେରାଙ୍କ ଝିଅ ବନ୍ଦିତାଙ୍କୁ ଖମାରପୋଲି ଗ୍ରାମର ମନୁ ସାହୁଙ୍କ ପୁଅ ବସନ୍ତଙ୍କୁ ବିବାହ କରିଥିଲେ। ଦୁଇ ବର୍ଷତଳେ ହଠାତ ବନ୍ଦିତାଙ୍କ ଅସୁସ୍ଥ ହେବାରୁ ପରିବାର ଲୋକେ ୫ ଲକ୍ଷ ଟଙ୍କା ଧାର କରି ଚିକିତ୍ସା କରାଇଥିଲେ। ବର୍ତ୍ତମାନ ସୁଦ୍ଧା ଔଷଧ ଚାଲୁ ରହିଥିବା ବେଳେ ଧାର ଟଙ୍କା ସୁଝିବାକୁ ନେଇ କରଜ ଦେଇଥିବା ଲୋକେ ଏବଂ ବନ୍ଦିତାଙ୍କ ମଧ୍ୟରେ ବେଳେବେଳେ ଅଶାନ୍ତି ଲାଗୁଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ବନ୍ଦିତା ବିଷପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ବେଲଗୁଣ୍ଠା ପରେ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସୁନା, ଟଙ୍କା ଚୋରି ମାମଲାରେ ଜଣେ କୋର୍ଟଚାଲାଣ

କାଶୀନଗର,୨୮।୫

ଗତ କିଛିଦିନ ତଳେ କାଶୀନଗର ନିକଟସ୍ଥ ରାଜପୁରର ନେଟାମୀ ମହେଶଙ୍କ ସୁନା ଓ ଦୁଇ ହଜାର ଟଙ୍କା ଚୋରି ହୋଇଥିବା ନେଇ ଥାନାରେ ନଂ. ୫୧/୨୨ରେ ମାମଲା ରୁଜୁ ହୋଇଥିଲା। ଗଜପତି ଆରକ୍ଷୀ ଅଧିକ୍ଷକ ଜୟରାମ ଶତପଥୀଙ୍କ ପ୍ରତ୍ୟ ତତ୍ତ୍ୱାବଧାନରେ ତଦନ୍ତ କରି କାଶୀନଗର ପୋଲିସ ଟିକାଲି (ଆନ୍ଧ୍ରପ୍ରଦେଶ)ର ପୋଟୁ ରାଜୁକୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଚୋରି ସୁନା ମୁଦିକୁ ମହେଶଙ୍କୁ ଫେରାଇ ଦିଆଯାଇଛି।

## ବଜ୍ରପାତରେ ଛାତ୍ର ମୃତ, ଛାତ୍ରୀ ଗୁରୁତର

ଗୋପାଳପୁର,୨୮।୫(ଡି.ଏନ.ଏ.)

ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଯାଇଥିବା ବେଳେ ଶନିବାର ବଜ୍ରପାତରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଅନ୍ୟ ସହପାଠୀ ଛାତ୍ରୀ ଗୁରୁତର ହୋଇଛନ୍ତି। ମୃତ ଛାତ୍ରଜଣକ ହେଲେ ଭୁବନେଶ୍ୱର ମହାନଗର ଅଶୋକ ନଗର ଅଞ୍ଚଳର ଅମିତ କୁମାର ନାୟକ। କଟକ ଅଞ୍ଚଳର ଛାତ୍ରୀ ଓ ଛାତ୍ର ଉଭୟ ଗୋପାଳପୁର ସ୍ଥିତ ପାଛ ନିବାସକୁ ଯାଇଥିଲେ। ଏହି ସମୟରେ ହଠାତ୍ କାଳ ବୈଶାଖୀ ସାଙ୍ଗକୁ ବଜ୍ରପାତ ହେବାରୁ ଛାତ୍ରୀଛାତ୍ର ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଅମିତଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖା ହେବା ସୁଦ୍ଧା ଏ ନେଇ କୌଣସି ମାମଲା ରୁଜୁ ହୋଇନାହିଁ।

## ଉଚ୍ଚ ଜୁଆର ଯୋଗୁ ସମୁଦ୍ର ଗର୍ଭରେ ଲୀନ ହେବ ୬ ଘର



ପୋଡମପେଟା।

ଗଞ୍ଜାମ,୨୮।୫(ଡି.ଏନ.ଏ.)

### କୂଳ ଲଂଘୁଛି ସମୁଦ୍ର

ଋଷିକୁଲ୍ୟା ମୁହାଣ ଅଞ୍ଚଳରେ ତାଣ୍ଡବ ରଚୁଛି ଅଶାନ୍ତ ସମୁଦ୍ର। ଉଚ୍ଚ ଲହଡିରେ ଗଞ୍ଜାମ ବ୍ଲକର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଅବକ୍ଷୟ ହେବାରେ ଲାଗିଛି। ପାଳିବନ୍ଧ ପଞ୍ଚାୟତର ସାମୁଦ୍ରିକ ମତ୍ସ୍ୟଜୀବୀ ସମ୍ପ୍ରଦାୟ ପୋଡମପେଟା ଗ୍ରାମର ଗୋଟିଏ ପରେ ଗୋଟିଏ ଘର ସମୁଦ୍ର ମଧ୍ୟରେ ଲୀନ ହୋଇ ଯାଉଥିବା ଲକ୍ଷ୍ୟ କରାଯାଉଛି।

ଜିଲା ପ୍ରଶାସନ ଉକ୍ତ ଗ୍ରାମର ୯୯ ପ୍ରତିଶତ ଲୋକଙ୍କୁ ଅନ୍ୟତ୍ର ଥଇଥାନ କରିଛି। ହେଲେ ଗୃହ ଯୋଜନାରୁ ବାଦ୍ ପଡିଥିବା ଉକ୍ତ ଗ୍ରାମରେ ରହିଯାଇଛନ୍ତି ୬ ପରିବାର। ସମୁଦ୍ରର ଭୟଙ୍କର ଗର୍ଜନ ସେମାନଙ୍କ ନିଦ ହଜାଇ ଦେଇଛି। ଭୟ ଓ ଆତଙ୍କିତ ଅବସ୍ଥାରେ ଉକ୍ତ ଗ୍ରାମରେ ଭାଗ୍ୟକୁ ଆଦରି ପଡି ରହିଛନ୍ତି ଜେ. ସୁକାନ୍ତି, ଏଲ.ଭୀମାଦରା, ଏଲ.ଆଶିଷ, ସିଏଚ.ତ୍ରିନାଥ, ଏଲ.ଶ୍ରୀରାମ, ବି.ବାବାଜୀ ପ୍ରମୁଖ ୬ ପରିବାର। ପୂର୍ଣ୍ଣିମା ଓ ଅମାବାସ୍ୟା ତିଥିରେ ଗୋଟିଏ ପରେ ଗୋଟିଏ ପକ୍କା ଘର ଭୁଶୁଡ଼ି ପଡିବାରେ ଲାଗିଛି ସମୁଦ୍ର ଗର୍ଭରେ। ସାମୁଦ୍ରିକ ଝଡ଼ ଆସାନୀ ଅଧିକ ଭୟଙ୍କର ରୂପ ରଚିଲା। ଉକ୍ତ ସମୟରେ ଗ୍ରାମରେ ଥିବା ଗୋଟାକ ପରେ ଗୋଟିଏ ପକ୍କାଘର ସାଙ୍ଗକୁ ଅଧିକ ମାତ୍ରାରେ ହେନ୍ତାଳବଣ ଅବକ୍ଷୟ ହୋଇ ସମୁଦ୍ର ବେଳାଭୂମିରେ ଭୌଗୋଳିକ ପରିବର୍ତ୍ତନ ଘଟୁଛି।

ସୂଚନାଯୋଗ୍ୟ, ପୋଡାମପେଟା ଗ୍ରାମ ପ୍ରତି ବିପଦ ଥିବା ଯୋଗୁ ଜିଲା ପ୍ରଶାସନ ଦୁମୁନାଗିରି ପାହାଡ଼ ପାଦଦେଶରେ ୨୦୧୩ରେ ସିଦ୍ଧାର୍ଥ ନଗରରେ ୧୦୨ ପରିବାରକୁ ଥଇଥାନ କରିଛି। କିଛିବର୍ଷ ହେଲା ଓଡିଆରପି କଲୋନୀରେ ୩୭୦ ପରିବାରକୁ ଥାଇଥାନ କରାଯାଇଛି। ଉକ୍ତ ୬ ପରିବାରକୁ ସ୍ଥାନୀୟ ପ୍ରଶାସନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କମ୍ବା ବିଜୁ ପକ୍କା ଘର ଯୋଜନାରେ ଗୃହ ଯୋଗାଇଦେଇ ଥଇଥାନ କରିବାକୁ ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

## କାଳବୈଶାଖୀରେ ଗଛ ଭାଙ୍ଗି ବହୁ ଗ୍ରାମ ଅନ୍ଧାର

ଆସିକା,୨୮।୫(ଡି.ଏନ୍.ଏ.)

ଆସିକା ସହର ତଥା ଗ୍ରାମାଞ୍ଚଳରେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବେଗରେ ପବନ ବୋହିବା ଯୋଗୁ ବହୁ ସ୍ଥାନରେ ଛପର ଉଡ଼ିଯିବା ସହ ଗଛପତ୍ର ଭାଙ୍ଗିଯାଇଛି। ଆସିକା ଏନ୍‌ଏସିର ଜୋକବନ୍ଧ ସାହିରେ ଗୋଟିଏ ପରିବାରର ଘର ଟିଣ ଛପର ଉଡ଼ିଯାଇ ଜୋକବନ୍ଧରେ ପଡ଼ିଥିବାରୁ ସମ୍ପୃକ୍ତ ପରିବାର ବାସହୀନ ହୋଇଯାଇଛନ୍ତି। ଖବର ପାଇ ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ ପହଞ୍ଚି ବିପନ୍ନଙ୍କ ପରିସ୍ଥିତି ଅନୁଧ୍ୟାନ କରିବା ସହ ଗୋଟିଏ ମାସର ଚାଉଳ ଓ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆସିକା ସହରାଞ୍ଚଳର କଳିଙ୍ଗା ରୋଡ, ତ୍ରିବିଦ୍ଧେଶ୍ୱର ମନ୍ଦିର ଘାଟରେ ବିଦ୍ୟୁତ୍ ତାର ଉପରେ ଗଛ ପଡ଼ିଥିଲା। ଏବଂ କଳିଙ୍ଗା ରୋଡରେ କେତେକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଥିବାରୁ ସହରାଞ୍ଚଳରେ ବିଦ୍ୟୁତ୍ ସେବା ବନ୍ଦ ରହିଛି। ସେହିଭଳି ଆସିକା– ଭଞ୍ଜନଗର ରାସ୍ତାର ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ବିଦ୍ୟୁତ୍ ତାର ଉପରେ ପଡ଼ିବା ଯୋଗୁ ସେଠାରୁ ବାଲିସିରା ବିଦ୍ୟୁତ୍ ସେକ୍ସନକୁ ବିଦ୍ୟୁତ୍ ଯୋଗାଣ ହୋଇପାରୁନାହିଁ। ଫଳରେ ସମ୍ପୃକ୍ତ ସେକ୍ସନକୁ ବିଦ୍ୟୁତ୍ ଯୋଗାଣ ହେଉଥିବା ଆସିକା ଓ ଧରାକୋଟ ବ୍ଲକର ଶତାଧିକ ଗ୍ରାମରେ ବିଦ୍ୟୁତ୍ ଯୋଗଣ ଠପ୍ ହୋଇଯାଇଛି। ବିଦ୍ୟୁତ୍‌ଯୋଗାଣ ଲାଗି ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଥିବା କୁହାଯାଉଛି।

## ବାହାଡ଼ାପଦରରୁ କୁଟୁରା ଛୁଆ ଉଦ୍ଧାର

ଭଞ୍ଜନଗର,୨୮।୫(ଡି.ଏନ.ଏ)

କେତେକ ପ୍ରଜାତିର ବନ୍ୟପ୍ରାଣୀ ଯଥା ବାର୍‌ହା, କୁଟୁରା, ମୃଗ ସଂଖ୍ୟା ଜଙ୍ଗଲରେ ହ୍ରହ୍ରୁ ହୋଇ ବଢ଼ିବାରେ ଲାଗିଛି। ଜଙ୍ଗଲରେ ସନ୍ତୁଳନ ରକ୍ଷା ପାଇଁ ଅନ୍ୟ ପ୍ରଜାତିର ପ୍ରାଣୀ ସଂଖ୍ୟା କମିଯାଉଛି। ଜଙ୍ଗଲ କ୍ଷୟ ସମେତ ପ୍ରମୁଖ କାରଣ ଯୋଗୁ ବିଭିନ୍ନ ସମୟରେ ବନ୍ୟପ୍ରାଣୀମାନେ ଖାଦ୍ୟ ଅନ୍ୱେଷଣରେ ଗ୍ରାମ ଅଭିମୁଖେ ଚାଲି ଆସୁଛନ୍ତି। ଶନିବାର ମୁଜାଗଡ଼ ରେଞ୍ଜ ବାହାଡ଼ାପଦର ଗ୍ରାମ ନିକଟ ନାଳରେ ଏକ କୁଟୁରା ଛୁଆ ବୁଲୁଥିଲା। ଏହି ସମୟରେ କୁକୁରମାନେ କୁଟୁରା ଛୁଆଟିକୁ ଆକ୍ରମଣ କରିବା ପାଇଁ ଗୋଡ଼ାଇଥିଲେ। ଫଳରେ କୁଟୁରା ଛୁଆଟି ପ୍ରାଣବିକଳରେ ଗ୍ରାମ ଅଭିମୁଖେ ଦୌଡ଼ି ଆସିଥିଲା। ଗ୍ରାମବାସୀ କୁଟୁରା ଛୁଆଟିକୁ ଉଦ୍ଧାର କରି ରେଞ୍ଜର ବିଦ୍ୟାଧର ସାହୁଙ୍କୁ ଜଣାଇଥିଲେ। ରେଞ୍ଜରଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ କର୍ମଚାରୀ ସୁଶାନ୍ତ କୁମାର ମିଶ୍ର, ଭିକାରୀ ବିଷୋୟୀ, ସଞ୍ଜୟ ସ୍ୱାଇଁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଛୁଆଟିକୁ ନେଇ ଗାଲେରୀ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦେଇଥିଲେ।



ଉଦ୍ଧାର କୁଟୁରା ଛୁଆକୁ ଜଙ୍ଗଲରେ ଛଡ଼ାଯାଉଛି।

## ବାଣିଜ୍ୟ ବିଭାଗରେ ୪ ଅଧ୍ୟାପକ ନିଯୁକ୍ତି

ଗଞ୍ଜାମ,୨୮।୫(ଡି.ଏନ.ଏ.)

ଗଞ୍ଜାମ ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବାଣିଜ୍ୟ ବିଭାଗକୁ ୪ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ଯାହାକୁନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଖୁସି ଜାହିର କରାଯାଇଛି। ଡଃ.ଅନିତା କୁମାରୀ ପାଣିଗ୍ରାହୀ, କେ.ପୁରୁଷୋତ୍ତମ ପାତ୍ର, ସୁମାନ ସେଠୀ, ଜଗଦୀଶ ପାଢ଼ୀ ପ୍ରମୁଖ ଅଧ୍ୟାପକ ଶନିବାର କଲେଜରେ ଜଏନ କରିଛନ୍ତି। ସୂଚନାଥାଉକି, ଗଞ୍ଜାମ ମହାବିଦ୍ୟାଳୟରେ ବାଣିଜ୍ୟ ବିଭାଗ ପୂର୍ବରୁ ସୁନାମ ଆଣିଥିଲା। ଉକ୍ତ ମହାବିଦ୍ୟାଳୟରେ ଦୁରଦୁରାନ୍ତରୁ ଆସି ଅଧ୍ୟୟନ କରି ଉତ୍ତୀର୍ଣ୍ଣ ହୋଇଯାଉଥିଲେ। ହେଲେ ଏହି କଲେଜରେ ବାଣିଜ୍ୟ ବିଭାଗକୁ ଉଠାଇ ଦିଆଯାଇଥିଲା। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ସ୍ଥାନୀୟ ମହାବିଦ୍ୟାଳୟ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ମହଲରୁ କଲେଜରେ ବାଣିଜ୍ୟ ବିଭାଗ ପୁନଃ ପ୍ରଚଳନ ପାଇଁ ଦାବି ହୋଇ ଆସୁଥିଲା।

## ଗ୍ରାନାଇଟ ଯୋଗାଇବା ନାଁରେ ଟଙ୍କା ଠକେଇ

### ଜେଲରେ ଥିବା ସୁନୀଲଙ୍କ ନାମରେ ପୁଣି ମାମଲା

ବ୍ରହ୍ମପୁର ଅଫିସ,୨୮।୫

ଗ୍ରାନାଇଟ ପଥର ଯୋଗାଇବାକୁ କହି ବାଲୁଗାଁ ଅଞ୍ଚଳର ଜଣେ ଠିକାଦାର ସୁନୀଲ କୁମାର ସ୍ୱାଇଁ ଓରଫ ପିଙ୍କୁ ବିଶ୍ୱଜିତ ଦାସଙ୍କଠାରୁ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଠକେଇ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ସୁନୀଲଙ୍କ ନାଁରେ ମାମଲା ନଂ.୬/୨୨ ରୁଜୁ କରିଛି। ପ୍ରକାଶ ଯେ, ବାଲୁଗାଁ ଥାନା ଅନ୍ତର୍ଗତ ବରକୁଲ ସୁବୁଦ୍ଧି ପାଟଣା ଛକର ବିଶ୍ୱଜିତ ଜଣେ ଠିକାଦାର। ସେ ଗୋପାଳପୁର ପୋର୍ଟରେ ଗ୍ରାନାଇଟ ଲଗାଇବା ପାଇଁ କ୍ରିଷ୍ଟିଲ ଗ୍ରାନାଇଟ ଦୋକାନ ମାଲିକ ପିଙ୍କୁ ଓରଫ ସୁନୀଲଙ୍କୁ ଭେଟିଥିଲେ। ଗ୍ରାନାଇଟ ଯୋଗାଣ ପାଇଁ ପିଙ୍କୁ ବିଶ୍ୱଜିତଙ୍କଠାରୁ ପର୍ଯ୍ୟାୟକ୍ରମେ ୨୦ ଲକ୍ଷ ୩୫ ହଜାର ଟଙ୍କା ଅଗ୍ରିମ ନେଇଥିଲେ। ପରେ ସେ ଟଙ୍କା ଫେରସ୍ତ ବାବଦରେ ବିଭିନ୍ନ ଆଳ ଦେଖାଇ ଠକିଥିଲେ। ଶେଷରେ ବିଶ୍ୱଜିତ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରରେ ରହୁଥିବା ସୁନୀଲଙ୍କ ବାସଭବନକୁ ଯାଇ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ହେଲେ ସୁନୀଲ ଠିକାଦାରଙ୍କୁ ଟଙ୍କା ଫେରସ୍ତ କରିବା ପରିବର୍ତ୍ତେ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ।

ଏନେଇ ପୋଲିସ କୋର୍ଟରେ ଶନିବାର ରିମାଣ୍ଡ ରିପୋର୍ଟ ଦାଖଲ କରିଛି। ସୁନୀଲଙ୍କ ନାଁରେ ଏଭଳି ଠକେଇ ମାମଲାରେ ୩ ଗୋଟି ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ରହିଥିବା ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ପୂର୍ବରୁ ଏକ ପ୍ରେସ୍ ନୋଟ୍‌ରେ ସୂଚନା ଦେଇଥିଲେ। ଦୀର୍ଘ ଏକ ମାସ ହେବ ଫେରାର ଥିବା ସୁନୀଲଙ୍କୁ ଅନ୍ୟ ଏକ ଜମି ଠକେଇ ମାମଲା ନଂ ୩/୨୨ ରେ ଗିରଫ କରି ସାଇବର ଥାନା ପୋଲିସ ଗତ ୨୦ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ରଥ ନିର୍ମାଣ ପ୍ରସ୍ତୁତି ଜୋରଦାର

ପାରଳାଖେମୁଣ୍ଡି,୨୮।୫(ଡି.ଏନ୍.ଏ.)

ରଥ ଯାତ୍ରା ଲାଗି ତିନି ରଥ ପ୍ରସ୍ତୁତି ଜୋରଦାର କରାଯାଇଛି। ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିର ପ୍ରସିଦ୍ଧ ରଥଯାତ୍ରା କୋଭିଡ କଟକଣା ଲାଗି ୨ବର୍ଷ ବନ୍ଦ ଥିବା ବେଳେ ଚଳିତ ବର୍ଷ ପାରମ୍ପାରିକ ରୀତିନୀତି ଅନୁଯାଇ ଅନୁଷ୍ଠିତ ହେବାକୁ ଯାଉଛି। ଜୁଲାଇ ୧ ରେ ହେବାକୁ ଥିବା ରଥଯାତ୍ରା ପାଇଁ ପ୍ରଶାସନ ମଧ୍ୟ ଅଣ୍ଟାଭିଡି ପ୍ରସ୍ତୁତି ବୈଠକରେ ନିର୍ଣ୍ଣୟ କରିଛି। ସେହିପରି ରଥ ନିର୍ମାଣକାରୀ ଦଳ ତଥା ମହାରଣାମାନେ ନିଜ ନିଜ କାର୍ଯ୍ୟ ଆରମ୍ଭ କରିଥିବାର ଦେଖିବାକୁ ମିଳିଛି। ସେପଟେ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ଲାଗି ଫାଉଣ୍ଡେଶନ କାମ ମଧ୍ୟ ପ୍ରାୟ ସମାପନ ଅବସ୍ଥାରେ। ଏଭଳି ସ୍ଥଳେ ଜଗନ୍ନାଥ ଭକ୍ତମାନେ ଚଳିତ ବର୍ଷ ରଥଯାତ୍ରାକୁ ବହୁ ଆଡମ୍ବର ସହକାରେ ପାଳିବା ପାଇଁ ପ୍ରସ୍ତୁତ ହୋଇଥିବାର ଜଣାପଡିଛି । ୩ ରଥର କାଠ ଗୁଡିକୁ ବାହାର କରାଯାଇ ଚକ ଅଖକୁ ପରଖା ଯାଉଥିବା ବେଳେ ଆବଶ୍ୟକ ହେଉଥିବା ନୂତନ କାଠ ଲାଗି ସଂଗ୍ରହ କରାଯାଉଛି । ଏଥିଲାଗି ରାଜଦାଣ୍ଡରେ ଦେଖଣାହାରିଙ୍କ ଭିଡ ଜମୁଥିବାର ମଧ୍ୟ ଲକ୍ଷ୍ୟ କରାଯାଇଛି।



ରଥ ତିଆରି ପାଇଁ କାଠ ରଖାଯାଇଛି।

## କାଳ ବୈଶାଖୀରେ ଭାଙ୍ଗିଲା ଗଛ, ୨ ଆହତ

ବୁଗୁଡ଼ା,୨୮।୫(ଡି.ଏନ୍.ଏ)

ବୁଗୁଡ଼ା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ କାଳ ବୈଶାଖୀ ଯୋଗୁ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡିବା ସହ ଘର ଉପରେ ଗଛ ପଡି ଜେଜେମା, ନାତୁଣୀ ଆହତ ହୋଇଛନ୍ତି। ବୁଗୁଡ଼ା ସହରର ବେତାରସିଂ ରୋଡ଼ରେ ଗଛ ଡାଳ ପଡି ଏକ କାରର ପଛ ପଟ କାଚ ଭାଙ୍ଗି ଯାଇଥିବା ବେଳେ ଦୀର୍ଘ ସମୟ ହେଲା ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଛି। ସନ୍ଧ୍ୟା ୬ଟାରେ ହଠାତ ବର୍ଷା ସହ ପବନ ବହିବା ଆରମ୍ଭ ହୋଇଯାଇଥିଲା। ପ୍ରବଳ ପବନ ହେବାରେ ବୁଗୁଡ଼ା ପୋଲସରା ରାସ୍ତାର କୁଆନଳା ଗ୍ରାମର ମୋହନ ଗୌଡ଼ଙ୍କ ଘର ଉପରେ ଏକ ବର ଗଛ ପଡିଯିବାରୁ ମୋହନଙ୍କ ସ୍ତ୍ରୀଙ୍କ ହାତ ଭାଙ୍ଗି ଯାଇଥିବା ବେଳେ ୮ ବର୍ଷର ନାତୁଣୀର ମୁଣ୍ଡ ଫାଟି ଯାଇଛି। ଏହି ରାସ୍ତାର ଚଡିଆପଲ୍ଲୀ ଠାରେ ରାସ୍ତା ଉପରେ ଏକ ଗଛ ପଡିଯିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଦମକଳ ବାହିନୀ ପହଞ୍ଚି ରାସ୍ତା ଓ ଘର ଉପରୁ ଗଛ ସଫା କରିଥିଲେ।

## ଚିନିଶିଳ୍ପରେ ଦୁର୍ଘଟଣା, ଚିକିତ୍ସାଧୀନ ଶ୍ରମିକଙ୍କ ମୃତ୍ୟୁ

ଆସିକା,୨୮।୫(ଡି.ଏନ୍.ଏ.)

ଆସିକା ସମବାୟ ଚିନିଶିଳ୍ପର ଡିଷ୍ଟିଲାରି ପ୍ଲାଣ୍ଟ ମରାମତି ବେଳେ ଗୁରୁତର ହୋଇଥିବା ଜଣେ ଶ୍ରମିକଙ୍କ ଶନିବାର ଭୁବନେଶ୍ୱରର ଏକ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଚିନିଶିଳ୍ପର ଫୋର ମେନ୍ ଶ୍ୟାମ ନାରାୟଣ ରାୟ। ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଗତ ୩୦ ବର୍ଷ ଧରି ଚିନିଶିଳ୍ପରେ କର୍ତ୍ତବ୍ୟରତ ରାୟ ବିହାର ପ୍ରଦେଶର ମୂଳ ବାସିନ୍ଦା ହୋଇଥିବାରୁ ପରିବାର ପକ୍ଷରୁ ମୃତଦେହକୁ ବିହାର ନେଇଯାଇଥିବା ଜଣାପଡ଼ିଛି। ଏହି ଦୁର୍ଘଟଣାରେ ଆହତ ଅନ୍ୟ ଜଣେ ଶ୍ରମିକ ବିଘ୍ନେଶ୍ୱର ବେହେରାଙ୍କ ଗତ ୨୨ରେ ମୃତ୍ୟୁ ଘଟିଥିଲା। ଗତ ୧୬ ତାରିଖ ରାତିରେ ଡିଷ୍ଟିଲାରି ପ୍ଲାଣ୍ଟର ମରାମତି ବେଳେ ଉତ୍ତପ୍ତ ବାଷ୍ପର ପ୍ରଭାବରେ ଏହି ଦୁଇ ଶ୍ରମିକଙ୍କ ଶରୀରର ୭୦ ଭାଗରୁ ଉର୍ଦ୍ଧ୍ୱ ଜଳିଯାଇଥିଲା। ଅପରାହ୍ନରେ ଚିନିଶିଳ୍ପ ଶ୍ରମିକ ସଂଘ ପକ୍ଷରୁ ମୁଖ୍ୟ ଫଟକ ନିକଟରେ ଏକ ଶୋକସଭା କରାଯାଇଥିଲା। ଚିନିଶିଳ୍ପ ସମ୍ପାଦକ ଚନ୍ଦ୍ରଶେଖର ରେଡ୍ଡୀ, ଶ୍ରମିକ ସଂଘର ଉପଦେଷ୍ଟା ବିଦେଶୀ ନାହାକ, ଶ୍ରମିକ ସଂଘ ସମ୍ପାଦକ ପ୍ରଫୁଲ୍ଲ କୁମାର ନାହାକ, ରାଜେଶ୍ୱର ରାଓ, ଅର୍ନ୍ତଜାମୀ ନାହାକଙ୍କ ସମେତ ବହୁ କର୍ମଚାରୀ ସଭାରେ ସାମିଲ ଥିଲେ। ମୃତକଙ୍କ ପରିବାରୁ ସହାୟତା ପ୍ରଦାନ ଲାଗି ଶ୍ରମିକ ସଂଘ ପକ୍ଷରୁ ନିବେଦନ କରାଯାଇଛି।

## ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଘାଟିତ

ଛତ୍ରପୁର,୨୮।୫(ଡି.ଏନ.ଏ.)

ଗଞ୍ଜାମ ଜିଲା ଟାଏକୋଣ୍ଡୋ ସଂଘ ଆନୁକୂଲ୍ୟରେ ଛତ୍ରପୁର ଷ୍ଟାଡିୟମ ସ୍ଥିତ ଇନ୍‌ଡୋର ହଲରେ ଗଞ୍ଜାମ ଜିଲାସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହା ୮ମ କ୍ୟୁରୋଗୀ ଓ ୭ମ ପୁମସେ ଜିଲାସ୍ତରୀୟ ପ୍ରତିଯୋଗିତା । ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବାହ୍ନ ସାଢେ ୧୦ଟାରେ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାର ବିଭିନ୍ନ ସ୍ଥାନରେ ଥିବା ୧୪ଟି ଏକାଡେମୀର ୩୦୪ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଛନ୍ତି। ସଭାପତି ଶ୍ରୀକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଟାଏକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ ସମ୍ମାନିତ ଅତିଥି ଓ ଓଡିଶା ଟାଏକୋଣ୍ଡୋ ପରିଦର୍ଶକ ବ୍ୟୋମକେଶ ଅଭିଳାଷ ପ୍ରସାଦ ମୁଖ୍ୟ ବକ୍ତା, ଜିଲା ସମ୍ପାଦକ କେ. ମନୋଜ ପ୍ରଧାନ ବିବରଣୀ ପ୍ରଦାନ କରିଥିଲେ। ଟାଏକୋଣ୍ଡୋ ଭଳି ଅନ୍ତର୍ଜାତୀୟ ଅଲିମ୍ପିକ କ୍ରୀଡାରେ ଜିଲାର ସଫଳତା ସମ୍ବନ୍ଧିତ ଏକ ତିନି ମିନିଟିଆ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଓଡ଼ିଶା ଟାଏକୋଣ୍ଡୋ ପକ୍ଷରୁ ୧୫ ଜଣିଆ ବିଚାରକ ଓ କର୍ମକର୍ତ୍ତାଙ୍କ ଏକ ମଣ୍ଡଳୀ କ୍ରୀଡା ପରିଚାଳନା କରୁଥିବା ବେଳେ ଜିଲାର ୨୦ ଜଣ କର୍ମକର୍ତ୍ତା ସହଯୋଗ କରୁଛନ୍ତି। କ୍ୟୁରୋଗୀରେ ୨୦୪ ଜଣ ଓ ପୁମ୍‌ସିରେ ୬୦ ପ୍ରତିଯୋଗୀ ଅଂଶ ଗ୍ରହଣ କରୁଛନ୍ତି। ଛତ୍ରପୁରର କେଏମ୍‌ପି ସ୍ପୋର୍ଟସ ଏକାଡେମୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଟାଏକୋଣ୍ଡୋ ପ୍ରଶିକ୍ଷକ ମନୋଜ ମହାରଣା, ଅମ୍ବିକା ପ୍ରସାଦ ଦାସ, ଲଳିତ କୁମାର, ସିଏଚ ପ୍ରସାଦ ନାୟକ, ବାସୁ ନାୟକ, ମହିଳା କମିଶନର ଡକ୍ଟର ଅନୀତା ମିଶ୍ର କାର୍ଯ୍ୟକ୍ରମର ପରିଚାଳନା କରୁଥିବା ବେଳେ ଲକ୍ଷ୍ମୀ ନାରାୟଣ, ରୁଦ୍ର ନାରାୟଣ ବେହେରା, ଶୁଭଶ୍ରୀ ପାଢୀ ଅଭିମନ୍ୟୁ ରେଡ୍ଡୀ, ବିକାଶ ଗୌଡ଼ ଓ ଏ ଚିନା ସହଯୋଗ କରିଛନ୍ତି।



କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଉଛି ।

